ସର୍ବସାଧାରଣ
sarbasadharana

12th June, 2019

# ୧୮ରେ ଆଇଆଇଟିରେ ଜେଇଇ ଆଡଭାନ୍ସ କର୍ମଶାଳା

।। ପ୍ରଭାନ୍ୟୁଜ ।। ଜଟଣୀ, ୧୧।୬: ଜଟଣୀ ଅରଗୁଳସ୍ଥ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସରେ ଆସନ୍ତା ୧୮ ତାରିଖରେ ଜେଇଇ ଆଡଭାନ୍ସ ସମ୍ପର୍କିତ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହେବ। ଏହି କର୍ମଶାଳାରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ଛାତ୍ରଛାତ୍ରୀ ଯୋଗଦେବେ। ଏଥିରେ ଯୋଗ ଦେଉଥିବା ଛାତ୍ରଛାତ୍ରୀମାନେ ଆଇଆଇଟିର ବିଭିନ୍ନ ବିଭାଗ ତଥା ପ୍ରଫେସରମାନଙ୍କ ସହିତ ଖୋଲାଖୋଲି ଆଲୋଚନା କରିପାରିବେ। ଏହି କାଉନସିଲ ସକାଳ ୯ଘଣ୍ଟା୩୦ ମିନିଟରୁ ଆରମ୍ଭ ହେବ। ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଆଡମିଶନ ଓ ଶିକ୍ଷାଦାନ ଉପରେ ସୂଚନା ଦିଆଯିବା ସହ ସେମାନଙ୍କ କ୍ୟାରିୟରକୁ ନେଇ ପ୍ରଶ୍ନୋତ୍ତର ରହିବ। ୨୦୧୭ ମସିହାରୁ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ଦେଶର ପ୍ରଥମ। ଏଥିରେ ଓଡିଶା ସମେତ ଅନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ, ତେଲେଙ୍ଗାନା, ବିହାର, କର୍ଣ୍ଣାଟକ ଓ ତାମିଲନାଡୁ ରାଜ୍ୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ। ଏହି ଆଲୋଚନାଚକ୍ର ଆୟୋଜନ ଦ୍ୱାରା ଛାତ୍ରଛାତ୍ରୀମାନେ ସେମାନଙ୍କ କ୍ୟାରିୟର ଚୟନ କରିବାରେ ମାର୍ଗଦର୍ଶନ ଓ ଆଇଆଇଟିର ପ୍ରଣାଳୀ ଉପରେ ଅଭିଜ୍ଞତା ପ୍ରଦାନ କରିବାରେ ସହାୟତା କରିବ ବୋଲି ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ରତ୍ନମ ବରଦା ରାଜକୁମାର ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।